## ବିପ୍ଳବୀ କବି ପଞ୍ଚାନନ ମାଣ୍ଡିଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର

# ‘ଜାତି ଓ ଭାଷାର ଉନ୍ନତି ନିମନ୍ତେ ମହାଜାଗରଣ ଜରୁରୀ’

ବାରିପଦା,୨୮/୭(ଇମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡ଼ିଶା ଶାଖା, ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ବିପ୍ଳବୀ କବି ପଞ୍ଚାନନ ମାଣ୍ଡିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାନ୍ତାଳୀ ଲେଖିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସାନ୍ତାଳୀ ବିଦ୍ୱାନ ଉଦୟନାଥ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ, ବିପ୍ଳବୀ କବି ପଞ୍ଚାନନ ମାଣ୍ଡିଙ୍କ ଉକ୍ତିକୁ ଆଧାର କରି ସମାଜରେ ଆଖିଦୃଶିଆ ପରିବର୍ତ୍ତନ ପାଇଁ ହୀନ ମାନସିକତାରୁ ମୁକ୍ତ ହୋଇ ମହାଜାଗରଣ ଓ ମହାଆନ୍ଦୋଳନରେ ସାମିଲ ହେବାକୁ ଆଦିବାସୀମାନେ ଆଗେଇ ଆସିବା ଉଚିତ୍ ବୋଲି କହିଥିଲେ।

ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କେନ୍ଦ୍ର ସାହିତ୍ୟ ଏକାଡେମୀ ସାନ୍ତାଳୀ ଉପଦେଷ୍ଟା ମଣ୍ଡଳୀର ଆବାହକ ଚୈତନ୍ୟ ପ୍ରସାଦ ମାଝୀ, ପୂର୍ବତନ ଆବାହକ ମଦନମୋହନ ସୋରେନ, ପଞ୍ଚାନନ ମାଣ୍ଡିଙ୍କ ସୁପୁତ୍ର ନିତ୍ୟାନନ୍ଦ ମାଣ୍ଡି ପ୍ରମୁଖ ଯୋଗଦେଇ ବିପ୍ଳବୀ କବିଙ୍କ ସାହିତ୍ୟ ରଚନା ଓ ତାଙ୍କର ଜୀବନଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୂର୍ବାଞ୍ଚଳ ଶାଖାର ସମ୍ପାଦକ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ। ଅପରାହ୍ନର ପ୍ରଥମ ଅଧିବେଶନରେ କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ଆବାହକ ଡ. ଗଙ୍ଗାଧର ହାଁସଦା ଅଧ୍ୟକ୍ଷତା କରିଥିବା ବେଳେ ଲେଖକ ଅର୍ଜୁନ ମାଣ୍ଡି, କବି ଲକ୍ଷ୍ମଣ ମାଝୀ ଓ ନାଟ୍ୟକାର ସରୋଜ କୁମାର ସୋରେନ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗର ମୁଖ୍ୟ ପ୍ରଫେସର ଯତୀନ୍ଦ୍ର ନାଥ ବେଶ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ଅଧିବେଶରେ ଏପିସି ସ୍ୱୟଂଶାସିତ କଲେଜର ସାନ୍ତାଳୀ ଅତିଥି ଅଧ୍ୟାପକ ଲକ୍ଷ୍ମଣ ବାସ୍କେ, ସାନ୍ତାଳୀ ଗବେଷକ ରାମରାୟ ମାଝୀ ଓ ଲେଖିକା ସୁମିତ୍ରା ମୁର୍ମୁ ପ୍ରବନ୍ଧ ପାଠ କରିଥିଲେ। ‘କଥା ସନ୍ଧି’ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଶିଷ୍ଟ ସାନ୍ତାଳୀ କଥାକାର କାଳିଚରଣ ହେମ୍ବ୍ରମ ନିଜର ସାହିତ୍ୟ ଯାତ୍ରାର ଅନୁଭୂତି କହିଥିଲେ। ସର୍ବଭାରତୀୟ ଲେଖକ ସଂଘ ବାରିପଦା ଶାଖାର ସଦସ୍ୟ କବି ହାକାମ ବାସ୍କେ ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାଚକ୍ରରେ ୨ଶହରୁ ଉର୍ଦ୍ଧ୍ୱ ସାନ୍ତାଳୀ ପାଠକ, ଶିକ୍ଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



SAMBAD - 29.07.2023, P No - 15